# ତ୍ରି-ସ୍ତରୀୟ ପଞ୍ଚାୟତରାଜ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ।

## ପ୍ରତି ବ୍ଲକରେ ପ୍ରତିଷ୍ଠା ହେବ ପିଙ୍କ୍ ବୁଥ୍ ।

ଆସନ୍ତା ତ୍ରି-ସ୍ତରୀୟ ପଞ୍ଚାୟତରାଜ ନିର୍ବାଚନକୁ ମୁକ୍ତ,ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଂଖଳାର ସହ ପରିଚାଳନା କରିବା ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରି ଉପସ୍ଥିତ ଅଧିକାରୀମାନଂକୁ ପରାମର୍ଶ ଦେଇଛନ୍ତି । ସମସ୍ତେ ସଜାଗ ରହିବା ସହ ଆଦର୍ଶ ଆଚରଣ ବିଧିର ଉଲ୍ଲଘନ ଯେପରି ନ ହୁଏ ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସମ୍ପ୍ରତି ମହାମାରୀ କରୋନା ସମୟରେ ଅନୁଷ୍ଠିତ ହେଉଥିବା ଏହି ନିର୍ବାଚନରେ ନିୟୋଜିତ ପୁଲିଂ ବୁଥ୍‌ର କର୍ମଚାରୀମାନଂକର ମେଡିକାଲ ବୋର୍ଡରେ ସ୍ୱାସ୍ଥ୍ୟ ପରିକ୍ଷା କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ବ୍ଲକ୍ ସ୍ତରରେ ହେଉଥିବା ନିର୍ବାଚନ ତାଲିମ କାର୍ଯ୍ୟକ୍ରମରେ ସମସ୍ତେ ଯୋଗ ଦେବା ବାଧ୍ୟତାମୁଳକ । ବିନା ଅନୁମତିରେ କର୍ମଚାରୀମାନେ ମୁଖ୍ୟ ଦପ୍ତର ନ ଛାଡିବାକୁ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ ସୁସଜ୍ଜିତ ପିଙ୍କ୍ ବୁଥ୍ ପ୍ରତିଷ୍ଠା କରାଯିବ ଏବଂ ଏଥିରେ ମହିଳା କର୍ମଚାରୀମାନଂକୁ ନିୟୋଜିତ କରାଯିବ । ନିର୍ବାଚନ କାର୍ଯ୍ୟର ସୁପରିଚାଳନା ନିମନ୍ତେ ଅଧିକ ଯାଗା ଥିବା ସ୍ଥାନରେ ବିତରଣ କେନ୍ଦ୍ର ପ୍ରତିଷ୍ଠା କରିବା ସହ କୋଭିଡ ନିୟମକୁ କଡାକଡି ପାଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଉପଲବଧ୍ ଥିବା ବାଲାଟ୍ ପେପରଗୁଡିକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ସଠିକ୍ ଭାବେ ଯାଂଚ କରିବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଗଜେନ୍ଦ୍ର ବାରିକ ନିର୍ବାଚନ ପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । କୌଣସି ଜିଲ୍ଲା ପରିଷଦ ଜୋନର ଉଦ୍ଧିଷ୍ଟ ବାଲାଟ ପେପର ଅନ୍ୟ କୌଣସି ଜୋନ୍‌ରେ ମିଶିବ ନାହିଁ ବୋଲି ଜିଲ୍ଲା ପଞ୍ଚାୟତ ଅଧିକାରୀ ସ୍ପଷ୍ଟିକରଣ ଦେଇଥିଲେ । ନିର୍ବାଚନ ୧୬ ତାରିଖ ସକାଳ ୭ ଘଟିକାରୁ ଦିନ ୧ ଘଟିକା ମଧ୍ୟରେ ଅନୁଷ୍ଠିତ ହେବ । ପୁଲିଂ ପାର୍ଟି ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୫ ତାରିଖରେ ବୁଥ୍‌ରେ ପହଂଚିବେ । ଭୋଟ ଦିନ ୧୫ ମିନିଟ୍ ପୂର୍ବରୁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ କରି ଠିକ୍ ୭ ଘଟିକାରେ ଭୋଟ କାର୍ଯ୍ୟ ଆରମ୍ଭ କରାଯିବ । ଗୋଟିଏ ପୁଲିଂ ପାର୍ଟିରେ ୧ ଜଣ ପ୍ରିଜାଇଡିଂ ଅଫିସର ଓ ୨ ଜଣ ପୁଲିଂ ଅଫିସର ଭୋଟ କାର୍ଯ୍ୟ ପରିଚାଳନା

କରିବେ । ନିୟୋଜିତ କର୍ମଚାରୀମାନଙ୍କର ନିଜ ବ୍ଲକ୍ ମୁଖ୍ୟ ଦପ୍ତରରେ ପ୍ରଶିକ୍ଷଣ ଦିଆଯିବ । ନିର୍ବାଚନ କାର୍ଯ୍ୟ ପରିଚାଳନା ନିମନ୍ତେ ରିସିଭିଂ,ଡିସବର୍ସି,ଗଣତି ଷ୍ଟ୍ରଂଗ ରୁମ୍ ଓ ସି ସି ଟିଭି ଲାଗିବା ଆଦି କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । ବ୍ଲକ୍ ଓ ଜିଲ୍ଲା ସ୍ତରରେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରି ନିର୍ବାଚନ କମିଶନଙ୍କ ନିକଟକୁ ପଠାଇବାକୁ ପରାମର୍ଶ ଦିଆଯାଇଛି । ୮ଟି ବ୍ଲକ୍‌ରେ ହେଉଥିବା ନିର୍ବାଚନରେ ଆବଶ୍ୟକ ଗାଡି ନିମନ୍ତେ ଆଂଚଳିକ ପରିବହନ ଅଧିକାରୀଙ୍କ ସହ ଆଲୋଚନା କରି ବ୍ୟବସ୍ଥା କରାଯିବ । ଜିଲ୍ଲାରେ ନିର୍ବାଚନ କାର୍ଯ୍ୟ ପରିଚାଳନା ନିମନ୍ତେ ୩ ହଜାର ୨୮ଟି ବୁଥ୍‌ର ବ୍ୟବସ୍ଥା ହୋଇଛି । ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ୧୮୩୦ ଜଣ ପ୍ରିଜାଇଡିଂ ଅଫିସର, ୩ ହଜାର ୬୦ ଜଣ ପୁଲିଂ ଅଫିସର ନିୟୋଜିତ ହୋଇଛନ୍ତି । ଅନୁଗୋଳ ବ୍ଲକର ନିୟୋଜିତ କର୍ମଚାରୀ ଛେଣ୍ଡିପଦା ବ୍ଲକ୍‌ରେ ଭୋଟ କାର୍ଯ୍ୟ ପରିଚାଳନା କରୁଥିବା ବେଳେ ବଅଁରପାଳ ବ୍ଲକ୍ କର୍ମଚାରୀ କଣିହାଁ ବ୍ଲକରେ ନିୟୋଜିତ ହେବେ । ସେହିପରି ଆଠମଲ୍ଲିକର କର୍ମଚାରୀମାନେ କିଶୋରନଗର ବ୍ଲକ୍ ଓ ପାଲଲହଡାର କର୍ମଚାରୀମାନେ ତାଳଚେର ବ୍ଲକରେ ଭୋଟ କାର୍ଯ୍ୟ ପରିଚାଳନା କରିବେ । ଗଣତି କାର୍ଯ୍ୟ ଫେବୃୟାରୀ ୨୬ତାରିଖରେ ଅନୁଷ୍ଠିତ ହେବ । ଜିଲ୍ଲା ପରିଷଦ ଗଣତି କାର୍ଯ୍ୟ ଫେବୃୟାରୀ ୨୬,୨୭ ଓ ୨୮ତାରିଖ ୩ ଦିନ ବ୍ୟାପି ଜୋନ୍ ଅନୁଯାୟୀ କରାଯିବ । ଫେବୃଆରୀ ୨୬ ତାରିଖରେ ଅନୁଗୋଳ ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୧, ଆଠମଲ୍ଲିକ ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୫, କଣିହାଁ ବ୍ଲକ୍ ର ଜିଲ୍ଲା ପରିଷଦ ଜୋନ୍ ୮, କିଶୋରନଗର ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୧୧,ଛେଣ୍ଡିପଦା ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୧୪, ତାଳଚେର ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୧୮,ପାଲଲହଡା ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୨୨, ବଅଁରପାଳ ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୨୫, ଫେବୃଆରୀ ୨୭ ତାରିଖରେ ଅନୁଗୋଳ ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୨,ଆଠମଲ୍ଲିକ ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୬, କଣିହାଁ ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୯, କିଶୋରନଗର ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୧୨,ଛେଣ୍ଡିପଦା ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୧୫,ତାଳଚେର ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୧୯, ପାଲଲହଡା ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୨୩ ଓ ବଅଁରପାଳ ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୨୬ ର ଗଣତି ହେବ । ସେହିପରି ଫେବୃଆରୀ ୨୮ ତାରିଖରେ ଅନୁଗୋଳ ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୩ ଓ ୪, ଆଠମଲ୍ଲିକ ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୭, କଣିହାଁ ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୧୦, କିଶୋରନଗର ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୧୩, ଛେଣ୍ଡିପଦା ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୧୬ ଓ ୧୭, ତାଳଚେର ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୨୦ ଓ ୨୧,ପାଲଲହଡା ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୨୪, ବଅଁରପାଳ ବ୍ଲକର ଜିଲ୍ଲା ପରିଷଦ ଜୋନ୍ ୨୭ ଓ ୨୮ ର ଗଣତି କାର୍ଯ୍ୟ କରାଯିବ । ଜିଲ୍ଲା ପରିଷଦ ସଦସ୍ୟ ପ୍ରାର୍ଥୀ

୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବା ସହ ୫ଟି ଚାରିଚକିଆ ଗାଡି ଓ ୧୦ଟି ମୋଟର ସାଇକେଲ ନିର୍ବାଚନ କାର୍ଯ୍ୟରେ ଲଗାଇପାରିବେ । ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବା ସହ ୨ଟି ଲେଖାଏଁ ଚାରିଚକିଆ ଗାଡି ,୫ଟି ଲେଖାଏଁ ମୋଟର ସାଇକେଲ ନିର୍ବାଚନରେ ବ୍ୟବହାର କରିପାରିବେ । ଡାକବାଜୀ ଯନ୍ତ୍ର ସକାଳ ୭ ଘଟିକାରୁ ସଂଧ୍ୟା ୮ ଘଟିକା ପର୍ଯ୍ୟନ୍ତ ପ୍ରଚାର କାର୍ଯ୍ୟ ପାଇଁ ଅନୁମତି ଦିଆଯିବ । ଧର୍ମାନୁଷ୍ଠାନ ନିକଟରେ ଭୋଜି ଭାତ କରିବା ଉପରେ ଜିଲ୍ଲାପାଳ ନିଷେଧାଦେଶ ଜାରି କରିଛନ୍ତି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ସେକ୍ଟର ଅଫିସର ଭାବେ ଦାୟିତ୍ୱ ତୁଲାଇବେ । ନିର୍ବାଚନର ସମସ୍ତ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ନିମନ୍ତେ ସ୍ୱତନ୍ତ୍ର ଦଳ ଗଠନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଗୋଟିଏ ପୁଲିଂ ପାର୍ଟିରେ ଜଣେ ପ୍ରିଜାଡିଂ ଅଫିସର ଓ ୧ମ ଓ ୨ୟ ପୁଲିଂ ଅଫିସର ନିୟୋଜିତ ହେବେ । ୩ ଜଣିଆ ଏହି ଦଳରେ ପ୍ରଥମ ଓ ଦ୍ୱିତୀୟ ପୁଲିଙ୍ଗ୍ ଅଫିସର ସମାନ ଆର୍ଥିକ ପ୍ରୋତ୍ସାହନ ରାଶି ପାଇବେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱରେ ଥିବା ଠାକୁର ଦାସ ହାଁସଦା ଯୋଗ ଦେଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ କିପରି ସଠିକ୍ ହିସାବ ରଖିବେ ସେ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ଯୋଗ ଦେଇ ନିର୍ବାଚନର ବିଭିନ୍ନ ପ୍ରକ୍ରିୟା ସମ୍ପର୍କରେ ବୁଝାଇଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ବିଶ୍ୱ ରଞ୍ଜନ ରଥ, ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଲଳିତ ମୋହନ ବେହେରା, ପାଲଲହଡା ଉପଜିଲ୍ଲାପାଳ ଶ୍ରୀ ଅଜିତ୍ କୁମାର ପ୍ରଧାନ ,ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ସମସ୍ତ ତହସିଲଦାର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅତିରିକ୍ତ ତହସିଲଦାରମାନେ ଯୋଗ ଦେଇଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା ୭୬ ତା. ୨୭.୦୧.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


ANGUL

